ଗ୍ରାମୀଣ କୃଷି ମୌଷମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

ସପ୍ତାହ ସଂଖ୍ୟା -୧୬

DeepanjaliDugal,
Jr. Agrometeorologist

ବୁଲେଟିନ ନମ୍ବର :୩୧
ତାରିଖ : ୧୬.୦୪.୨୦୨୪
(ମଙ୍ଗଳବାର)

## ଢେଙ୍କାନାଳଜିଲ୍ଲା

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୦.୦୪.୨୦୨୪ ରୁ ୧୬.୦୪.୨୦୨୪)

| | |
|---|---|
| ବୃଷ୍ଟିପାତ (ମି.ମି.) | ୭.୬ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୩.୯-୩୯.୯ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୦.୪-୨୪.୭ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୧ତାରିଖ ପର୍ଯ୍ୟନ୍ତ ପାଣିପାଗସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 17-04-2024 | 0 | 41 | 25 | 0 | 56 | 16 | 9 | 162 |
| 18-04-2024 | 0 | 41 | 25 | 0 | 62 | 12 | 10 | 169 |
| 19-04-2024 | 0 | 42 | 26 | 0 | 81 | 10 | 11 | 158 |
| 20-04-2024 | 0 | 42 | 26 | 1 | 81 | 13 | 9 | 153 |
| 21-04-2024 | 0 | 41 | 24 | 1 | 82 | 16 | 13 | 153 |

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ରହିବାର ସମ୍ଭାବନା ଅଛି । ଆକାଶ ମୁଖ୍ୟତଃ ପରିଷ୍କାର ରୁ ପରିଷ୍କାର ରହିବ ।ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୯-୧୩ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୪୧°c-୪୨°c ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୪°c-୨୬°c ମଧ୍ୟରେ ରହିବାର ସମ୍ଭାବନା ରହିଛି ।  ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୫୬ରୁ ୮୨ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୦ ରୁ ୧୬ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ବର୍ତ୍ତମାନ ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ, ଆଖୁ, ଖରାଟିଆ ମକା ଓ ପନିପରିବାରେ ନିୟମିତ ଜଳସେଚନ କରନ୍ତୁ ।
- ସୁବିଧା ଥିଲେ ଫଳବଗିଚା କିମ୍ବା ଅଧିକ ଚଉଡାରେ ବୁଣାଯାଇଥିବା ଫସଲରେ ବୁନ୍ଦା କିମ୍ବା ସିଞ୍ଚନ ଜଳସେଚନ କରନ୍ତୁ ।
- ପନିପରିବାରେ ଜଳ ସଂରକ୍ଷଣ କରିବା ପାଇଁ ନଡା, ଶୁଖିଲା ପତ୍ର ବା କରତ ଗୁଣ୍ଡ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ(ଡାଲୁଅ) | କ୍ଷୀର ଢୋକିବା / ଦାନା ସଂଚାର ଅବସ୍ଥା | ଧାନ ଫସଲରେ ଗନ୍ଧି ପୋକ ବା ଛଗୋଡିଆ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ମିଲି Chlorpyriphos ନାମକ କୀଟନାଶକ କିମ୍ବା୪୦୦ମିଲି Malathionନାମକ କୀଟନାଶକ,୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହା ବଦଳରେ ଏକର ପ୍ରତି ୧୦କି.ଗ୍ରା.Chlorpyriphos କିମ୍ବା Malathion ଗୁଣ୍ଡକୁ ସମାନ ଭାବରେ ସକାଳ ସମୟରେ ପବନ ହେଉନଥିବା ସମୟରେ ଫସଲ ଉପରେ ଡଷ୍ଟର ଦ୍ୱାରା ପ୍ରୟୋଗ କରନ୍ତୁ । |
| ଆଖୁ | ଜୈବିକଅବିବୃଦ୍ଧି ଅବସ୍ଥା | ଖରା ଦିନେ ମାଟିର ବତର ହିସାବରେ ୭-୧୦ ଦିନ ଅନ୍ତରରେ ଜଳ ସେଚନ କରନ୍ତୁ ।ଆଖୁ ଲଗାଇବାର ୪୫-୭୫ ଦିନ ହେଉଛି ଜଳ ସେଚନ ପାଇଁ ସଙ୍କଟ କାଳୀନ ସମୟ ତେଣୁ ମୌସୁମୀ ବର୍ଷା ଆରମ୍ଭ ହେବା ପର୍ଯ୍ୟନ୍ତ ନିୟମିତ ଭାବେ ଜଳ ସେଚନ କରନ୍ତୁ । |
| କଖାରୁଜାତୀୟ ପନିପରିବା (କଖାରୁ, କାକୁଡି, କଲରା, ଜହ୍ନି): | ଫୁଲ ଓ ଫଳ ଧରିବା ଅବସ୍ଥା/ ପାକଳ ଅବସ୍ଥା | ବର୍ତ୍ତମାନ ସମୟରେ କଖାରୁଜାତୀୟ ପନିପରିବା ଫସଲରେ ଫଳମାଛି ଲାଗିବାର ସମ୍ଭାବନା ରହିଛି। ଫଳମାଛିର ପରିଚାଳନା ପାଇଁ ପ୍ରଥମେ ୪ଲିଟର ପାଣିରେ ୪୦୦ଗ୍ରାମ ଗୁଡ ଓ ୮ମିଲି malathion ବା DDVP କୀଟନାଶକ ମିଶାଇ ବିଷଥୋପ ପ୍ରସ୍ତୁତ କରନ୍ତୁ। ଏହି ବିଷଥୋପକୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲରେ ୮୦ଟି ସ୍ଥାନରେ ଛୋଟ ମଟ୍କେଲ କିମ୍ବା ମାଟିରେ କିମ୍ବା ପ୍ଲାଷ୍ଟିକ ଡମ୍ବରେ ରଖି ଗଛ |

| | | |
|---|---|---|
| | | ହୋଇ ଆସି ସେଥିରେ ପଡି ମରିଯିବେ । |
| ଟମାଟୋ/ ବାଇଗଣ | ଫୁଲ ଓ ଫଳ ଧରିବା ଅବସ୍ଥା/ ପାକଳ ଅବସ୍ଥା | ଟମାଟୋ ଓବାଇଗଣ ଫସଲରେ ବୀଜାଣୁ ଜନିତ ଝାଉଁଳା ନହେବା ପାଇଁ ଆକ୍ରାନ୍ତ ଜମିରେ ପ୍ରତି ୧୦ଲିଟର ପାଣିରେ୧.୫ଗ୍ରାମ Streptocycineକିମ୍ବା ୧୫ଗ୍ରାମ Plantomycinସହିତ ୩୦ ଗ୍ରାମ Copper Oxychlorideମିଶାଇ ଗଛର ଚେରକୁଭଲଭାବେଭିଜାଇ ଦିଅନ୍ତୁ । |
| ଲଙ୍କାମରିଚ | ଫୁଲ ଓ ଫଳ ଧରିବା ଅବସ୍ଥା/ ପାକଳ ଅବସ୍ଥା | ଲଙ୍କାମରିଚ ଫସଲରେ ଫଳ ସଢା ଓ ଅଗମରା ରୋଗର ପରିଚାଳନା ପାଇଁ ଏକର ପ୍ରତି ୫୦୦ଗ୍ରାମ Propineb କିମ୍ବା Difenoconazole କିମ୍ବା Azoxystrobinନାମକ ଫିମ୍ପିନାଶକ, ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ଫିମ୍ପିନାଶକକୁ ଫୁଲକଢ ଆସିବା ପୂର୍ବରୁ ଥରେ ଓ ଫଳ ଆସିବା ସମୟରେ ଥରେ ଅନୁମୋଦିତ ମାତ୍ରାରେ ସିଂଚନ କରନ୍ତୁ। |
| ପଶୁ ସମ୍ପଦ | ଦିନବେଳା ଖରା ଅଧିକା ହେଲେ ଗାଇଗୋରୁ ମାନଙ୍କୁ ଗୁହାଳରୁ କାଢି ଛାଇ ଜାଗାରେ ବାନ୍ଧିବା ଉଚିତ। ଗୁହାଳର ଛପର ଟିଣ ବା ଆଯବେଶଟୋସର ହୋଇଥିଲେତା ଉପରେ ଛଣ ବା ନଡିଆ ବାହୁଙ୍ଗା ପକାଇ ରଖନ୍ତୁ ଓ ମଝିରେମଝିରେ ପାଣି ଛିଞ୍ଚନ୍ତୁ। ଜୋରେ ଖରା ହେଉଥିଲେ ଗୁହାଳର ଖୋଲା ଥିବା ଜାଗା ଗୁଡିକରେ ଓଦା ଅଖା ଟଙ୍ଗାଇ ରଖନ୍ତୁ ଓ ଛାଇହୋଇଗଲେ ଅଖା ଖୋଲି ଦିଅନ୍ତୁ । କାନ୍ଥ ଓ ଛାତ ଉପରେ ଧଳା ରଙ୍ଗର ଚୂନର ଲେପନ ଦିଅନ୍ତୁ । ଅଧିକ ଉତ୍ପାଦନ କ୍ଷମ ପ୍ରାଣୀରଖିଥିଲେ ପଙ୍ଖା, ପାଣି ଛିଞ୍ଚିବା ଜନ୍ତ୍ର ଓ ଅନ୍ୟ ତାପମାତ୍ରା କମାଇ ପାରୁଥିବା ଉପକରଣ ଲଗାଇବର ବ୍ୟବସ୍ଥା କରାଯିବା ଦରକାର।ଅଂଶୁଘାତରେ ଆକ୍ରାନ୍ତ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ, ମୁଣ୍ଡ ରେ ବରଫ ଘସନ୍ତୁ, ଓଦାକପଡା ବା ଅଖା ରଖନ୍ତୁ । | |
| କୁକୁଡା ଓ ବତକ | ଖରା ଦାଉରୁ କୁକୁଡା ଓ ବତକ ମାନଙ୍କ ମାଂସ, ଅଣ୍ଡା ଉତ୍ପାଦନ କ୍ଷମତା କମିଯାଏ ଓ ଅନେକ ସମୟରେ କୁକୁଡା, ବତକମାନେମୃତ୍ୟୁ ବରଣ କରିଥାନ୍ତି । ଖରା ଦାଉରୁ ରକ୍ଷା କରିବା ପାଇଁ କୁକୁଡା ଓ ବତକ ଘର ତିଆରି କଲା ବେଳେ ଧ୍ୟାନ ଦେବେଯେପରି ଘର ଭିତର କୁ ସିଧା ଖରା ପଡୁନଥିବ, ମୁକ୍ତ ବାୟୁ ଚଳାଚଳ କରୁଥିବ,ଘର ର ଛପର ଉଚ୍ଚା ଓ ପାର୍ଶ୍ୱ କାନ୍ଥ ନିଚା ଥିବା ଛପରଉପରେ କଖାରୁ ଭଳି ଲତା ଜାତୀୟ ଗଛ ମଡାନ୍ତୁ ଓ ଦିନ ବେଳା ପାଣି ଛିଞ୍ଚନ୍ତୁ। କୁକୁଡା ଓ ବତକ ମାନଙ୍କ ଉପରେ ପାଣି ସିଞ୍ଚନକରନ୍ତୁ କିନ୍ତୁ ଧ୍ୟାନ ଦିଅନ୍ତୁ ଲିଟରଯେମିତି ବେଶି ଓଦା ନ ହୁଏ। ଓଦା ଅଖାକୁ କୁକୁଡା ଓ ବତକ ଘର ଜାଲି ଉପରେ ଟାଙ୍ଗୀ ଦେଲେଘର ଥଣ୍ଡା ରହିଥାଏ। ଲିଟରକୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନ ବେଳା ଉତ୍ତାପ ଧାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ। ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାଇବା ଉଚିତ । | |

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**